## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ଧରୁନି ପୋଲିସ

ଅନୁଗୋଳ ଅଫିସ, ୨୯।୮: ଅନୁଗୋଳ ଜିଲା ବନ୍ତଲା ଥାନା ନୂଆକ୍ଷେତା ଗ୍ରାମର ମନମୋହନ ସାହୁ(୩୪) ଓ ଗନ୍ଧି ସାହୁଙ୍କ ମଧ୍ୟରେ ଗତ ୧୭ ତାରିଖରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗନ୍ଧିଙ୍କ କଟୁରି ଆକ୍ରମଣରେ ମନମୋହନ ଗୁରୁତର ହୋଇଥିଲେ। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ସେ ବନ୍ତଲା ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ନଂ. ୧୫୩/୧୯ରେ ମାମଲା ରୁଜୁ କରି ଚୁପ ବସିଥିବା ମନମୋହନ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ କଟୁରି ଧରି ଗାଁରେ ବୁଲୁଥିବାରୁ ସେ ଭୟଭୀତ ହୋଇପଡ଼ିଥିବା ମନମୋହନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବନ୍ତଲା ଥାନା ତଦନ୍ତକାରୀ ଅଧିକାରୀ ବିଚିତ୍ରନନ୍ଦ ସାହୁ କହିଛନ୍ତି, ଗନ୍ଧିଙ୍କୁ ଗିରଫ କରିବାକୁ ପୋଲିସ ଯାଇଥିଲା। ହେଲେ ଅଭିଯୁକ୍ତ ଅସୁସ୍ଥ ଥିବାରୁ ତାଙ୍କୁ ଥାନାକୁ ଆସିବାକୁ କୁହାଯାଇଥିଲା। ସେ ଅଦ୍ୟାବଧି ଆସିନାହାନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ।

### ଆମ ପୋଲିସ ସମିତି ବୈଠକ

କଣିହାଁ, ୨୯।୮(ଡି.ଏନ.ଏ.): କଣିହାଁ ବ୍ଲକ ସମଲ ଥାନା ବିଲିଣ୍ଡା ଗ୍ରାମରେ ଗୁରୁବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ବିକ୍ରମ ବିହାରୀ ଜୟପୁରିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍‌ଆଇ ସନ୍ତୋଷ ଶତପଥୀ, ଗ୍ରାମ ପରିଚାଳକ ସୁଶାନ୍ତ ବେହେରା, ଅଶୋକ ପ୍ରଧାନ, ମାଗତା ପ୍ରଧାନ, ନୀଳକଣ୍ଠ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା, ପୋଲିସ ଓ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଇଥିଲା।

■'ସୁସ୍ଥ ଓଡ଼ିଶା'କୁ ନେଇ ସୁଖୀ ନୁହନ୍ତି ପରଦେଶୀ

# ମୁନାଙ୍କ ଅପରେଶନ ପାଇଁ ଖୋଜୁଛନ୍ତି ଦରଦୀ ମନ

ବନ୍ତଲା, ୨୯।୮ (ଦୀନେଶ ଦେହୁରୀ)


ବିଛଣାରେ ଶୋଇ ରହିଥିବା ଗୁରୁତର ମୁନା।

- ■ତାଳ ଗଛରୁ ପଡ଼ି ପୁଅ ଅବସ୍ଥା ଗୁରୁତର
- ■ଅପରେଶନ ପାଇଁ ଆବଶ୍ୟକ ୪ ଲକ୍ଷ ଟଙ୍କା
- ■ବୁଲି ବୁଲି ସହାୟତା ଲୋଡ଼ୁଛନ୍ତି ବାପା ପରଦେଶୀ
- ■ସିଡିଏମ୍‌ଓ କହିଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା କରାଯିବ

ମୂଲିଆ ମଣିଷକୁ ତେଲ ଲୁଣର ସଂସାର। ନିଜସ୍ୱ ଘର ଡିହ ବୋଲି କିଛି ନାହିଁ। ସରକାରୀ ଜାଗାରେ କରିଥିବା ଚାଳିଆ ଖଣ୍ଡେ ହିଁ ପରିବାରର ସମ୍ବଳ। ଦିନେ ଖଟିବାକୁ ନ ଗଲେ ବିଛଣାରେ ଶୋଇଥିବା ଭେଣ୍ଡିଆ ପୁଅ ମୁନା ମୁହଁରେ ଦାନାଟିଏ ଦେଇପାରିବେନି। ଏପରି ଅବସ୍ଥାରେ ପୁଅର ଅପରେଶନ ପାଇଁ ୪ ଲକ୍ଷ ଟଙ୍କା ଯୋଗାଡ଼ କେମିତି କରିବେ ସେହି ଚିନ୍ତାରେ ପଡ଼ିଛନ୍ତି ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ଡିପସାହିର ପରଦେଶୀ ବେହେରା। ଗରିବଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସରକାର କାଳେ ବଡ଼ ବଡ଼ ଯୋଜନା କରିଥିବା ସେ ଶୁଣିଛନ୍ତି। ରାଜ୍ୟ ବାହାରେ ଅନେକ ରୋଗୀଙ୍କୁ ଚିକିତ୍ସା କରାଇ ସରକାର ସେମାନଙ୍କୁ ସୁସ୍ଥ, ସୁଖୀ କରିଥିବା ପ୍ରଚାର କରୁଛନ୍ତି। ହେଲେ ସେହିସବୁ ଯୋଜନାକୁ ନେଇ ସୁଖୀ ନୁହନ୍ତି ସେ। ପୁଅକୁ ଭଲ କରିବାକୁ ଏଯାଏ ପ୍ରଶାସନ କିମ୍ବା ସରକାରଙ୍କଠାରୁ କୌଣସି ସହାୟତା ସେ ପାଇନାହାନ୍ତି। ତେଣୁ ୩ ମାସ ହେଲା ବିଛଣାରେ ଶୋଇଥିବା ମୁନା ମୁହଁରେ ହସ ଫେରାଇବାକୁ ଏକ ଦରଦୀ ମନ ଖୋଜି ବୁଲୁଛନ୍ତି ପରଦେଶୀ। ଏପରି କି ତାଙ୍କୁ ବନ୍ଧକ ରଖି ୪ ଲକ୍ଷ ଟଙ୍କା ଦେବାକୁ ବୁଲି ବୁଲି ସେ ଲୋକଙ୍କୁ ଅନୁରୋଧ କରୁଥିବା କହିଛନ୍ତି ପରଦେଶୀ।

ପରଦେଶୀଙ୍କ କହିବା ଅନୁଯାୟୀ, ଗତ ମେ ୫ରେ ଅଜା ସାଇବଙ୍କ ସହ ମୁନା ମଜୁରି ଖଟିବାକୁ ଯାଇଥିଲେ। ଏକ ୬୦ ଫୁଟ ଉଚ୍ଚ ତାଳ ଗଛରେ ଚଢ଼ି ବାହୁଙ୍ଗା କାଟୁଥିବା ବେଳେ ତାହା ହଠାତ୍ ଛିଣ୍ଡି ପଡିବାରୁ ମୁନା ତଳକୁ ଖସି ପଡ଼ିଥିଲେ। ଅଣ୍ଟାରେ ଗଭୀର ଆଘାତ ଯୋଗୁ ଗୁରୁତର ହୋଇପଡ଼ିଥିବା ମୁନାଙ୍କୁ ଗ୍ରାମବାସୀଙ୍କ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ସେଠାରୁ କଟକ ପଠାଇ ଦେଇଥିଲେ। ଏକମାତ୍ର ପୁଅକୁ ବଞ୍ଚାଇବା ପାଇଁ ସେ ଧାର କରଜ ସହ ଡିପସାହି ବାସିନ୍ଦାଙ୍କ ସହାୟତାରେ ୬ ଦିନରେ ଲକ୍ଷେ ଟଙ୍କା ଖର୍ଚ୍ଚ କଲେ। ହେଲେ ଅପରେଶନ ପାଇଁ ଡାକ୍ତର ୪ ଲକ୍ଷ ଟଙ୍କା ଆବଶ୍ୟକ ବୋଲି କହିବା ପରେ ସେ ନିରାଶ ହୋଇ ପୁଅକୁ ଧରି ଘରକୁ ଫେରିଆସିଲେ। ସେବେଠାରୁ ପୁଅ ବିଛଣାରେ ଶୋଇଛି।

ବଞ୍ଚିବା-ମରିବା ପ୍ରଶ୍ନବାଚୀରେ ଥିବାରୁ ସ୍ତ୍ରୀ ଓ ଗୋଟିଏ ଛୁଆକୁ କେମିତି ଚଳାଇବ ସେ ନେଇ ଆଖିରୁ ଲୁହ ଗଡ଼ାଉଛି। ପାକଳ ବୟସରେ ପୁଅର ଏପରି ଅବସ୍ଥା ତାଙ୍କୁ ଅଥୟ କରିଦେଇଥିବା ପରଦେଶୀ କହିଛନ୍ତି। ତେଣୁ ଡିପସାହି, ବେହେରା ସାହି, ପ୍ରଧାନ ସାହି, ସାହୁ ସାହି, ଦେହୁରୀ ସାହି, ମଝିପାଟଣା ସାହି, ପାଟଣା ସାହି, ଷଣ୍ଢ ଛକ ସାହି, ସଡ଼କ ସାହି ବାସିନ୍ଦାଙ୍କୁ ସହାୟତା ପାଇଁ ସେ ନେହୁରା ହୋଇଛନ୍ତି। ସାରା ଜୀବନ ତାଙ୍କୁ ବନ୍ଧକ ଭାବେ ନେଇ କେହି ପୁଅର ଜୀବନ ରକ୍ଷା କରିବାକୁ ବହୁ ଅନୁରୋଧ କରିଛନ୍ତି। ହେଲେ ଏଯାଏ ଅର୍ଥ ଯୋଗାଡ଼ ହୋଇପାରୁ ନାହିଁ। କେହି ସହୃଦୟ ବ୍ୟକ୍ତି ଯଦି ସହାୟତାର ହାତ ବଢ଼ନ୍ତେ ତା'ହେଲେ ପୁଅ ମୁନାର ଅପରେଶନ ହୋଇପାରନ୍ତା ବୋଲି ପରଦେଶୀ କୋହଭରା କଣ୍ଠରେ କହିଛନ୍ତି।

ଏ ସମ୍ପର୍କରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ପ୍ରତାପ କୁମାର ବେହେରା କହିଛନ୍ତି, ଗରିବ ରୋଗୀଙ୍କ ଚିକିତ୍ସା ପାଇଁ ସରକାରଙ୍କ ତରଫରୁ ବହୁ ଯୋଜନା ରହିଛି। ପ୍ରଥମେ ଗୁରୁତର ମୁନାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାନ୍ତୁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ତାଙ୍କର ଚିକିତ୍ସା କରାଯିବ। ଆବଶ୍ୟକ ପଡ଼ିଲେ ତାଙ୍କୁ ଅନ୍ୟତ୍ର ରେଫର କରାଯାଇ ଅତ୍ୟାଧୁନିକ ଚିକିତ୍ସା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସିଡିଏମ୍‌ଓ ବେହେରା ପ୍ରକାଶ କରିଛନ୍ତି।

ଘରୋଇ ବିଦ୍ୟାଳୟ ଶିକ୍ଷକ, ଛାତ୍ରୀଛାତ୍ରଙ୍କ ବିରୋଧ

# ସହର ଅଳିଆ ଫେରିଲା ସହରକୁ



- ■କାଠଗଣ୍ଡି ପକାଇ ରାସ୍ତା ଅବରୋଧ
- ■ଅଡୁଆରେ ଅନୁଗୋଳ ପୌରସଂସ୍ଥା

ଅନୁଗୋଳ ଅଫିସ, ୨୯।୮

ଅନୁଗୋଳ ପୌର ସଂସ୍ଥାକୁ ଛାଡୁନି ଅଳିଆ ବିବାଦ। ସହରର ଅଳିଆ ଯେଉଁଠି ପକାଯିବାକୁ ସ୍ଥାନ ଚିହ୍ନଟ ହେଉଛି ସେଠାରେ ବିରୋଧର ସ୍ୱର ଦେଖିବାକୁ ମିଳୁଛି। ଗୁରୁବାର ଏପରି ଏକ ବିରୋଧ ଘଟଣା ଯୋଗୁ ଅଳିଆ ପକାଇବାକୁ ସକାଳୁ ଯାଇଥିବା ଟ୍ରାକ୍ଟର ସନ୍ଧ୍ୟାରେ ସେହି ଅଳିଆ ଧରି ପୁଣି ସହରକୁ ଫେରିଆସିଛି। ତେବେ ଏଥର ଗ୍ରାମବାସୀ ନୁହନ୍ତି ବରଂ ଏକ ଘରୋଇ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଏପରି ବିରୋଧ କରିଛନ୍ତି। ସେମାନେ ରାସ୍ତାରେ କାଠଗଣ୍ଡି ପକାଇ ଅବରୋଧ କରିବାରୁ ପୌର ସଂସ୍ଥାର ଅଡୁଆ ବଢ଼ିବାରେ ଲାଗିଛି।

ଅନୁଗୋଳ ସହରର ଅଳିଆ ପଞ୍ଚମହଲା ଠାରେ ଥିବା ଲିକୁଇଡ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପାଖରେ ପକାଯିବାକୁ ଜିଲା ପ୍ରଶାସନ ଜାଗା ଚିହ୍ନଟ କରିଥିଲା। ଗତ ୧ ତାରିଖରୁ ଉକ୍ତ ଚିହ୍ନଟ ଜାଗାରେ ପୌର ପ୍ରଶାସନ ପକ୍ଷରୁ ଅଳିଆ ପକାଯାଉଥିଲା। କିନ୍ତୁ ଗୁରୁବାର ସକାଳୁ ଅଳିଆ ଗାଡ଼ି ସେଠାକୁ ଯିବାବେଳେ ଉକ୍ତ ଘରୋଇ ବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ ଏହାକୁ ବିରୋଧ କରିଥିଲେ। ଅଳିଆ ପକାଯିବାରୁ ସେଠାରେ ଦୁର୍ଗନ୍ଧ ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେଣୁ ଏଠାରେ ଅଳିଆ ନ ପକାଇ ବାକୁ ସେମାନେ ଦାବି କରିଥିଲେ। ଏପରି କି ଅଳିଆ ନେଇ ଟ୍ରାକ୍ଟର ଯାଉଥିବା ରାସ୍ତାକୁ ମଧ୍ୟ ଅବରୋଧ କରିଥିଲେ। ଫଳରେ ସେଠାରେ ଅଳିଆ ବୋଝେଇ ଟ୍ରାକ୍ଟର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଛିଡ଼ା ହେବା ପରେ ସନ୍ଧ୍ୟାରେ ପୁଣି ସହରକୁ ଫେରି ଆସିଥିଲା। ଏ ନେଇ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ଜେନା କହିଛନ୍ତି, ସେଠାରେ ଅଳିଆ ପକାଗଲେ କୌଣସି ସମସ୍ୟା ନାହିଁ। ବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର କହିଁକି ବିରୋଧ କରୁଛନ୍ତି ତାହା ସେ ଜାଣି ନାହାନ୍ତି। ଏ ନେଇ ଜିଲା ପ୍ରଶାସନକୁ ଅବଗତ କରାଯିବ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଡାକି ଆଲୋଚନା କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

■ମହଙ୍ଗା ପଡ଼ିଲା ମଦ୍ୟପାନ କରି ଗାଡ଼ି ଚାଳନା

# ୪ ଗିରଫ, ବାଇକ୍ ଜବତ

ଅନୁଗୋଳ ଅଫିସ, ୨୯।୮

ମଦ୍ୟ ପାନ ସହ ଦ୍ରୁତଗତିରେ ଗାଡ଼ି ଚାଳନା କରି ସହରରେ ଏକ ଆତଙ୍କିତ ପରିବେଶ ସୃଷ୍ଟି କରୁଥିବା ଅଭିଯୋଗରେ ଅନୁଗୋଳ ପୋଲିସ ଗୁରୁବାର ୪ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବିକ୍ରମପୁର ଥାନା ଡଅଁରାର ଲିପୁନ ସାହୁ (ବାଇକ୍ ନଂ. ଓଡି୧୯ଡି- ୭୦୭୫), ଖୋର୍ଦ୍ଧା ଜିଲା ବାଲିଆପାଟଣାର ବିଜୟ କୁମାର ମୁଦୁଲି (ବାଇକ୍ ନଂ. ଓଡି୦୨ବିଏ-୧୪୭୨), ବବୁରୁ ନାଏକ (ବାଇକ୍ ନଂ. ଓଡି୧୯ଏନ୍-୬୦୬୫) ଓ ଦିବ୍ୟ ରଞ୍ଜନ ମହାରଣା (ବାଇକ୍ ନଂ. ଓଡି୧୯ବି-୭୭୧୩)। ଏଥିସହ ସେମାନଙ୍କ ବାଇକ୍‌କୁ ଜବତ କରାଯାଇଛି।

ମଦ୍ୟପାନ ପରେ ସମ୍ପୃକ୍ତ ଯୁବକମାନଙ୍କ ମଧ୍ୟରୁ କିଏ ସାପ ଭଳି ଗାଡ଼ି ଚଲାଉଥିଲେ ତ ଆଉ କିଏ ବିକଟାଳ ହର୍ନ ମାରି ଲୋକଙ୍କୁ ବିରକ୍ତ କରୁଥିଲେ। ଏଭଳି ଢଙ୍ଗରେ କାଞ୍ଚନ ଚକ୍‌ରୁ ବାଳିକା ବିଦ୍ୟାଳୟ ରାସ୍ତାରେ ସେମାନେ ଯାତାୟାତ କରୁଥିଲେ। ବସଷ୍ଟାଣ୍ଡରେ ଥିବା ମଦ ଦୋକାନ ସମ୍ମୁଖରେ ମଦ୍ୟପାନ କରି ସେମାନେ ଏଭଳି କରୁଥିବା ନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଏହାପରେ ଥାନା ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା ଓ ବିପ୍ଳବ ସାହୁ ଏକ ଟିମ୍ ଧରି ସେଠାରେ ଚଢ଼ାଉ କରିଥିଲେ। ସମ୍ପୃକ୍ତ ଯୁବକମାନେ ଖସିଯିବାକୁ ଚେଷ୍ଟା କରିଥିଲେ ହେଁ ପୋଲିସ ସମସ୍ତଙ୍କୁ ମାଡ଼ି ବସି ଥାନାକୁ ଆଣିଥିଲା। ପରେ ଅନୁଗୋଳ ପରିବହନ ଅଧିକାରୀ ଧନଞ୍ଜୟ ସେନାପତିଙ୍କୁ ଥାନାକୁ ଡକାଯାଇ ଆନାଲାଇଜରରେ ସମ୍ପୃକ୍ତ ଯୁବକମାନଙ୍କ ଆଲକହଲ ମାତ୍ରା ପରୀକ୍ଷା କରାଯାଇଥିଲା। ଏହାପରେ ସେମାନଙ୍କ ବିରୋଧରେ ଅନୁଗୋଳ ଥାନାରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିଲା।

# ୩ ଓ୍ୱାରେଣ୍ଟି ଗିରଫ

ବଅଁରପାଳ, ୨୯।୮(ଡି.ଏନ.ଏ.): ବଅଁରପାଳ ପୋଲିସ ଗୁରୁବାର କୋର୍ଟଙ୍କ ଗିରଫ ପରୱାନାରେ ୩ ଜଣ ପୁରୁଣା ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବଅଁରପାଳ ଥାନା ଅଞ୍ଚଳର ସୁଶାନ୍ତ ନାୟକ (୩୪), ଜୀବନ୍ତ ନାୟକ(୩୮) ଓ ଶ୍ରୀବତ୍ସ ନାୟକ (୩୦)। ୨ ବର୍ଷ ତଳେ ଏକ ଗଣ୍ଡଗୋଳ ମାମଲାରେ ସେମାନେ ସମ୍ପୃକ୍ତ ଥିବାବେଳେ ଦୀର୍ଘଦିନ ହେଲା ଫେରାର ଥିଲେ।

■ଉତ୍ତରପଡ଼ା ନୋଡାଲ ସ୍କୁଲରେ ପାଣି ପଶିବା ଘଟଣା

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ



ଅନୁଗୋଳ ଅଫିସ, ୨୯।୮

ସାମାନ୍ୟ ବର୍ଷା ହେଲେ ଅନୁଗୋଳର ଉତ୍ତରପଡ଼ା ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ବର୍ଷା ପାଣି ପଶିଯାଉଛି। ଏପରି କି ଶ୍ରେଣୀ ଗୃହରେ ଆଣ୍ଠୁଏ ଉଚ୍ଚର ପାଣି ଠିଆ ହୋଇ ରହୁଛି। ଫଳରେ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏକ ଅସ୍ୱାସ୍ଥ୍ୟକର ପରିବେଶ ଓ ବିପଦସଙ୍କୁଳ ଶ୍ରେଣୀଗୃହରେ ପଢ଼ିବାକୁ ବାଧ ହେଉଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗୁରୁବାର ଅଭିଭାବକମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଭାବକମାନେ ଅଭିଯୋଗ କରିଛନ୍ତି ଯେ, ୫୬୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ ବି ବର୍ଷା ହେଲେ ଉକ୍ତ ବିଦ୍ୟାଳୟ ଅବସ୍ଥା ବେହାଲ ହୋଇପଡୁଛି। ବର୍ଷକୁ ବର୍ଷ ଗାନ୍ଧୀ ମାର୍ଗ ରାସ୍ତା ପ୍ରଶସ୍ତ ସହ ଉଚ୍ଚ ହେଉଥିବାରୁ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ସ୍କୁଲ ପରିସରରେ ଜମା ହୋଇ ରହୁଛି। ଗତ ୨୫ ତାରିଖ ମଧ୍ୟାହ୍ନରେ ବର୍ଷା ପରେ ବିଦ୍ୟାଳୟ ପରିସରରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିଲା। ସମସ୍ତ ଶ୍ରେଣୀ କୋଠରି ମଧ୍ୟରେ ମଧ ପାଣି ପଶିଯାଇଥିଲା। ବାରମ୍ବାର ଏପରି ଘଟଣା ଘଟୁଥିବାରୁ ଏ ନେଇ ପୌରପରିଷଦ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିଲା। ହେଲେ ପୌର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଇ ଏହା ପିଡବ୍ଲ୍ୟୁଡିର କାର୍ଯ୍ୟ ବୋଲି କହି ଚୁପ୍ ବସିପଡ଼ିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତେଣୁ ସମସ୍ୟାର ସମାଧାନ ଶୀଘ୍ର କରା ନ ଗଲେ ଶତାଧିକ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯିବ ବୋଲି ଜିଲାପାଳଙ୍କୁ ଅବଗତ କରାଯାଇଥିବା ସସ୍ମିତା ସିଂ, ଜୟନ୍ତୀ ବେହେରା, ଅମୂଲ୍ୟ ମୁଦୁଲି, ବାସନ୍ତୀ ନାଏକ, ପ୍ରଗତି ସାହୁ, ସୁଜାତା ଦାଶ, ବାସନ୍ତୀ ପ୍ରଧାନ, ଚିନ୍ମୟୀ ସ୍ୱାଇଁ, ମାନସୀ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।

# ଟ୍ରାକ୍ଟର ଧକ୍କାରେ ଜଣେ ମୃତ

ଛେଣ୍ଡିପଦା, ୨୯।୮(ଡି.ଏନ.ଏ./ସ୍ୱ.ପ୍ର.)

ଛେଣ୍ଡିପଦା-ହାଣ୍ଡିଗୋଡା ରାସ୍ତାର ହାଣ୍ଡିଗୋଡା ଗ୍ରାମ ନିକଟ ରାସ୍ତାରେ ଗୁରୁବାର ଏକ ଟ୍ରାକ୍ଟର ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ଛେଣ୍ଡିପଦା ଥାନା ଜାମୁନାଳୀ ଗ୍ରାମର ଚକ୍ରଧର ବୋଇତ (୫୫) ଓ ଗୁରୁତର ଜଣକ ପୀତାମ୍ବର ମାଝି ବୋଲି ଜଣାପଡିଛି। ଅପରାହ୍ନ ପ୍ରାୟ ୨ଟାବେଳେ ଚକ୍ରଧର ଓ ପୀତାମ୍ବର ବାଇକ୍(ନଂ. ଓଆର ଏଜେ ୬୭୮୧)ରେ ଯାଉଥିବାବେଳେ ଏକ ଟ୍ରାକ୍ଟର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଚକ୍ରଧରଙ୍କ ମୃତ୍ୟୁ ହୋଇଥିଲା। ପୀତାମ୍ବରଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ଏକ ମାମଲା ରୁଜୁ କରିଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ
ମୁଦ୍ରା ପ୍ରବନ୍ଧନ ବିଭାଗ, ମୁମ୍ବାଇ
ଆଗ୍ରହ ପ୍ରକାଶର ଅଭିବ୍ୟକ୍ତି (EOI) ନିମନ୍ତେ ସୂଚନା
ଭାରତୀୟ ରିଜର୍ଭ ବ୍ୟାଙ୍କ, ବ୍ୟାଙ୍କନୋଟ ପରିବହନପାଇଁ ଆର.ବି.ଆଇ ନିର୍ଗମ ବିଭାଗମାନଙ୍କୁ ଆବଶ୍ୟକତା ଅନୁସାରେ ଉପଯୁକ୍ତ ବୈଶିଷ୍ଟ୍ୟ ଥିବା ବନ୍ଦ ବାହାନ (ରୁଦ୍ଧଦ୍ୱାର କଣ୍ଟେନର) ଯୋଗାଇବାପାଇଁ, ଯୋଗ୍ୟତାପ୍ରାପ୍ତ ଏବଂ ସମର୍ଥ ଠିକାଦାରଙ୍କୁ ସୂଚିଭୁକ୍ତ କରିବା ନିମନ୍ତେ ଆଗ୍ରହ ପ୍ରକାଶର ଅଭିବ୍ୟକ୍ତି (Expression Of Interest or EOI) ଆମନ୍ତ୍ରଣ କରୁଅଛି। ଅଧିକ ସମ୍ବନ୍ଧୀୟ ତଥ୍ୟ ଜାଣିବାପାଇଁ ଏବଂ ଆବେଦନ କରିବା ପାଇଁ ଇଚ୍ଛୁକ ପରିବହନ ଠିକାଦାରମାନେ ବ୍ୟାଙ୍କର ୱେବସାଇଟ (www.rbi.org.in)ର "ଟେଣ୍ଡର" ଅନୁଭାଗକୁ ଯାଇ ଦେଖିପାରିବେ। ଆଗ୍ରହ ପ୍ରକାଶର ଅଭିବ୍ୟକ୍ତି (EOI) ଆବେଦନର ଶେଷ ତାରିଖ ୧୧.୧୦.୨୦୧୯ ଅପରାହ୍ନ ୦୩ :୩୦ ଘଟିକା ପର୍ଯ୍ୟନ୍ତ ରହିବ। ଆଗ୍ରହ ପ୍ରକାଶର ଅଭିବ୍ୟକ୍ତି (Expression Of Interest or EOI) ସମ୍ବନ୍ଧୀୟ କୌଣସି ସଂଶୋଧନ/ରୂପାନ୍ତରଣ/ ପରିବର୍ତ୍ତନ ଏବଂ ଶୁଦ୍ଧିପତ୍ର ଭବିଷ୍ୟତରେ RBI ୱେବସାଇଟରେ ଅଧିସୂଚିତ ହେବ।
ପ୍ରଭାରୀ ମୁଖ୍ୟ ମହା-ପ୍ରବନ୍ଧକ

IISER
भारतीय विज्ञान शिक्षा एवं अनुसंधान संस्थान बरहमपुर
Indian Institute of Science Education and Research Berhampur
Established by the Ministry of HRD, Govt. of India | Transit Campus: Govt. ITI Berhampur-760010
Tender Enquiry Nos. IISERBpr/S&P/2019-20/45 August 26, 2019

| Description | EMD Rs. | Pre Bid Meeting | Last date for submission of bids |
|---|---|---|---|
| Hiring of Vehicles on on-call basis-IISER Berhampur | ₹5,000 | 03.09.2019 | 18.09.2019 |

Last date for submission of tenders complete in all respect and confirming entirely to the specifications along with all necessary documents by post / by hand is on or before 1500 hrs of 18.09.2019. Complete detail and the tender document is available on Institute website i.e. http://www.iiserbpr.ac.in/tender.php and https://eprocure.gov.in. Any corrigendum etc will be notified on the above websites only.
क्रय एवं भण्डार अधिकारी

# କ୍ରୀଡ଼ା ଦିବସରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ




ଅନୁଗୋଳ ଅଫିସ, ୨୯।୮

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅନୁଗୋଳ ଜିଲାସ୍ତରରେ ଗୁରୁବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ଓ କ୍ରୀଡ଼ାବିତ୍‌ଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ଜିଲାପାଳ ମନୋଜ କୁମାର ମହାନ୍ତି ଶୁଭାରମ୍ଭ କରିବା ସହ କ୍ରୀଡ଼ା କ୍ଷେତ୍ରରେ ଧ୍ୟାନ ଚାନ୍ଦଙ୍କ ଅବଦାନ ଅବିସ୍ମରଣୀୟ ଓ ସମସ୍ତେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ ଧ୍ୟାନ ଚାନ୍ଦଙ୍କ ଆତ୍ମଜୀବନୀ ଓ ଭାରତୀୟ କ୍ରୀଡ଼ାରେ ତାଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ମା'ବୁଢ଼ୀ ଓ ଅନୁଗୋଳ ଭେଟେରାନ୍ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଖେଳ ସ୍ଥାନୀୟ ଅନୁଗୋଳ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଭେଟେରାନ୍ ଦଳ ମା' ବୁଢ଼ୀ ଦଳକୁ ୨-୦ ଗୋଲରେ ହରାଇ ବିଜୟୀ ଲାଭ କରିଥିଲା। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ଏହାର ଆୟୋଜନ କରିଥିବାବେଳେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଶାନ୍ତ କୁମାର ସିହ୍ନା ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହଯୋଗ କରିଥିଲେ। ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ କ୍ରୀଡ଼ାବିତ ଅଂଶ ଗ୍ରହଣ କରିଥିଲେ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତା ରଜନୀ ବେହେରା
ସ୍ୱାମୀ: ସତ୍ୟାନନ୍ଦ ବେହେରା
ଗୋପାଳପୁର, ଚଣ୍ଡିଆ, ଚାରିନଙ୍ଗଳ, ଯାଜପୁର
ତିରୋଧାନ: ୨୦।୦୮।୨୦୧୯
ଚାହୁଁ ଚାହୁଁ ଆଜକୁ ୧୧ ଦିନ ବିତିଗଲା। ତୁମର ସେ ହସିଲା ମୁହଁ, ସ୍ନେହ, ଶ୍ରଦ୍ଧାକୁ ପାରୁନାହୁଁ ଭୁଲି। ଆଜି ଏକାଦଶାହ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୬୭୦୫୦

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତା ଶ୍ରୀମତୀ କବିତା ଦାସ
ସ୍ୱାମୀ: ଇଂ କମଳା କାନ୍ତ ମହାନ୍ତି
୧୧୩, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୦।୧୦।୧୯୪୮
ତିରୋଧାନ: ୨୦।୦୮।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଶ୍ରୀଲିଙ୍ଗରାଜଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ସ୍ୱାମୀ, ସୋନାଲି, ବିରେନ, ଗୌତମ, ପ୍ରତୀକ୍ଷା, ଲେଆ, ଆରନ୍, ଡୁଗୁଲ, ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ-୬୭୨୧୯

୧୨ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ

ସ୍ୱର୍ଗତ ସନ୍ଦୀପ ମହାନ୍ତି (ଟୁନଟୁନ)
ଆବିର୍ଭାବ: ୨୬।୧୧।୧୯୮୫
ତିରୋଧାନ: ୩୦।୦୮।୨୦୦୭
ଆଜିର ପୁଣ୍ୟତିଥିରେ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ତୋର ବାପା, ମା, ବଡ଼ବାପା, ବଡ଼ବୋଉ, ଦାଦୁଲି ଖୁଡ଼ୀ, ଦେଇ, ଭାଇଭାଉଜ ଓ ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୬୫୬୮୩

ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ବିଷ୍ଣୁ ପ୍ରସାଦ ପ୍ରଧାନ
ଆବିର୍ଭାବ: ୧୦.୦୨.୧୯୨୩
ତିରୋଧାନ: ୦୯.୦୯.୨୦୧୮
ମୁଦିପଡା, ସମ୍ବଲପୁର
ବିତିଗଲା ଏକ ବର୍ଷ ତୁମ ଗୁଣ ସ୍ମରି
ଝୁରି ହେଉଅଛୁ ସିନା ନ ଆସିବ ଫେରି ।
ସେ ଅମର ପୁରେ ଥାଇ ଭକ୍ତିମାନ୍ୟ ଘେନି ଆମ
ଶୁଭାଶିଷ ଦିଅ ଢ଼ାଳି ମସ୍ତକେ ଆମର ।
ଶତାୟୁତ ବାର କରୁ ବିଭୁ ପଦେ ନତି
ଆତ୍ମା ତୁମ ଲାଭକରୁ ଅମିୟ ସଦ୍‌ଗତି ।
ଶୋକ ସନ୍ତପ୍ତ: ପୁତ୍ର- ଭଗୀରଥ, ସନ୍ତୋଷ, ରାଜେନ୍ଦ୍ର; ପୁତ୍ରବଧୂ- ବିଷ୍ଣୁପ୍ରିୟା, ଝରଣା, ନମିତା; କନ୍ୟା-ସାବିତ୍ରୀ; ଜ୍ୱାଇଁ- ରାଧେଗୋପାଳ; ନାତି- ଅଂଶୁମାନ, ପ୍ରତୀକ, ଅମୃତାଂଶ; ନାତୁଣୀ- ସୃଜନିକା, ସ୍ୱରଚିତା, ଭକ୍ତେଷିକା, ଅନ୍ତରୀକ୍ଷା; ନାତୁଣୀବଧୂ- ଲିନା; ନାତୁଣୀଜ୍ୱାଇଁ- ସନ୍ଦୀପ, ଆଶିଷ, ରାଜୀବ; ପଣନାତି/ନାତୁଣୀ-ସାନ୍‌ଵୀ, ରେୟାନ, ଅବନୀଶ ।
ଧ-୧୪୧୧୦

ଏକାଦଶାହ ଉପଲକ୍ଷେ

ଶ୍ରୀ ନିରଞ୍ଜନ ସ୍ୱାଇଁ
ପ୍ରତିଷ୍ଠାତା ଓଡ଼ିଶା ହୋଟେଲ
ଦିଲ୍ଲୀ, ପୁନେ, କଟକ, ପଟିଆ, ସହିଦନଗର, ଲୁଇସ ରୋଡ
ଆବିର୍ଭାବ : ୦୧.୦୫.୧୯୫୬
ତିରୋଧାନ : ୨୦.୦୮.୨୦୧୯
ଚାହୁଁ ଚାହୁଁ ଏଗାରଦିନ କଟିଗଲା ତୁମର ପ୍ରତିଷ୍ଠିତ ବ୍ୟବସାୟ ଅନୁଷ୍ଠାନ ଘର ସବୁଆଡ଼େ ଏକ ଶୂନ୍ୟତାର ଅନୁଭବ । ତୁମେ ଯେଉଁଠି ଥାଅ ଭଲରେ ଥାଅ ଓ ଆମ ଉପରେ ଦେଇଥିବା ଗୁରୁଦାୟିତ୍ୱକୁ କାର୍ଯ୍ୟକାରି କରିବାକୁ ଆଶୀର୍ବାଦ କରୁଥାଅ
ତୁମର ପରିବାରବର୍ଗ ଓ ସମସ୍ତ ଓଡ଼ିଶା ହୋଟେଲର କର୍ମଚାରୀ ବୃନ୍ଦ
ଧ-୬୭୨୯୦

## ସଂକ୍ଷେପରେ

### ଆଇନ ସଚେତନତା ଶିବିର



ହିନ୍ଦୋଳ, ୨୯।୮(ଡି.ଏନ.ଏ.): ହିନ୍ଦୋଳ ସଦର ସରଧାପୁର ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନସେବା କମିଟି ଅଧକ୍ଷ ସବ୍‌ଜଜ୍ ସି.ଏଚ୍. ବାସୁଦେବ ପାତ୍ର, ଏସ୍‌ଡିଜେଏମ୍ ଦେବଶ୍ରୀ ସାହୁ, ଆଇନଜୀବୀ ପ୍ରଶାନ୍ତ ପତି, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବ୍ରହ୍ମାନନ୍ଦ ପଟ୍ଟନାୟକ, ପିଏଲ୍‌ଭି ଶ୍ରୀକାନ୍ତ ବେହେରା ପ୍ରମୁଖ ଯୋଗଦେଇ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମାଜରେ ଆର୍ଥିକ ଅନଗ୍ରସର ବର୍ଗ, ମହିଳା, ଦିବ୍ୟାଙ୍ଗଙ୍କ ପାଇଁ ଆଇନରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ସେମାନେ ମୌଳିକ ଅଧିକାରରୁ ବଞ୍ଚିତ ହେଉଥିବା ହୃଦ୍‌ବୋଧ କଲେ ଆଇନ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପିଏଲ୍‌ଭି ସନ୍ତୋଷ ମହାପାତ୍ର, ପ୍ରକାଶ ନାଥ, ପ୍ରଧାନ ଶିକ୍ଷକ ଦିଲୀପ ମହାପାତ୍ର, କୋର୍ଟ କର୍ମଚାରୀ ଗଙ୍ଗାଧର ସାହୁ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ୍ ଦୁର୍ଘଟଣାରେ ଜୀବନ ଗଲା

ଢେଙ୍କାନାଳ ଅଫିସ, ୨୯।୮: ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନାଧରା ଛକ ନିକଟରେ ଗୁରୁବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସେ ହେଲେ ରଶ୍ମିରଞ୍ଜନ ମହାନ୍ତି (୪୫)। ରଶ୍ମିରଞ୍ଜନ ବାଇକ୍‌ରେ ଯାଉଥିବାବେଳେ ନାଧରା ଛକ ନିକଟରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ତାଙ୍କ ପଛରେ ବସିଥିବା ତାଙ୍କର ଜଣେ ସାଥୀ ଏଥିରୁ ବର୍ତ୍ତି ଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

### ପୂର୍ବତନ ସରପଞ୍ଚଙ୍କ ବିୟୋଗ



ସାତମାଇଲ, ୨୯।୮(ଡି.ଏନ୍.ଏ.): ହିନ୍ଦୋଳ ବ୍ଲକ ରଞ୍ଜାଗୋଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ପ୍ରଧାନ (୮୪)ଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଉଚ୍ଚ ରକ୍ତଚାପଜନିତ ରୋଗରେ ପୀଡ଼ିତ ଥିଲେ। ଅନ୍ତିମ ସମୟରେ ତାଙ୍କ ନିକଟରେ ପରିବାର ସଦସ୍ୟ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସୂଚନା ପାଇ ପୂର୍ବତନ ବିଧାୟକ ରବି ନାଏକ, ମହେଶ୍ୱର ନାଏକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଶରତ ରଞ୍ଜାଗୋଳ ପଞ୍ଚାୟତ ସରପଞ୍ଚ ଭାବେ ୨ଥର ନିର୍ବାଚିତ ହୋଇଥିଲେ। ହିନ୍ଦୋଳ କଲେଜ ପରିଚାଳନା କମିଟି ସଦସ୍ୟ ଦାୟିତ୍ୱରେ ରହି ସେ ବହୁ ଜନହିତକର କାର୍ଯ୍ୟ କରିଛନ୍ତି। ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଭାବେ ସେ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ପରିଚିତ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ହୃଦ୍‌ଘାତରେ ଦେବୋତ୍ତର ବିଭାଗ ମୁଖ୍ୟ କିରାଣିଙ୍କ ପରଲୋକ

ଢେଙ୍କାନାଳ ଅଫିସ, ୨୯।୮: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଦେବୋତ୍ତର ବିଭାଗର ମୁଖ୍ୟ କିରାଣି ନୀଳାମ୍ବର ଦାସଙ୍କ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଦକ୍ଷିଣକାଳୀ ରୋଡ୍‌ସ୍ଥିତ ତାଙ୍କ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୨ବର୍ଷ ହୋଇଥିଲା। ଓଡ଼ାପଡ଼ା ବ୍ଲକ କାଣ୍ଡବିନ୍ଧା ଗ୍ରାମସ୍ଥିତ ପୈତୃକ ବାସଗୃହକୁ ମରଶରୀର ଅଣାଯିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଜିଲା ପ୍ରଶାସନର ବହୁ ପଦସ୍ଥ ଅଧିକାରୀ ପହଞ୍ଚି ଶେଷଦର୍ଶନ କରିଥିଲେ।

# ଦାଦନ ଯାଇ ଜୀବନ ଗଲା

- ଅର୍ଥାଭାବରୁ ଆସିପାରିଲାନି ମୃତଦେହ, ଅଧାରାସ୍ତାରେ ପୋତିଦେଲେ
- ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ପରେ ଦୋହଲିଗଲା ପରିବାର

କାମାକ୍ଷାନଗର, ୨୯।୮(ଡି.ଏନ୍.ଏ.)



ପୁଅ ମୃତ୍ୟୁରେ ଦୁଃଖରେ ମ୍ରିୟମାଣ ମା'ବାପା। ମୃତ ତନୁଜ ପ୍ରଧାନ (ଇନ୍‌ସେଟ୍)।

ଢେଙ୍କାନାଳ ଜିଲାରେ ଦାଦନ ଦୁଃଖର ଦାରୁଣ ଚିତ୍ର ପଦାକୁ ଆସିଛି। ପେଟ ପାଟଣା ଚିନ୍ତାରେ ବାଙ୍ଗାଲୋର ଯାଇଥିବା ଜଣେ ଯୁବକ ରୋଗଗ୍ରସ୍ତ ହୋଇ ଘରକୁ ଫେରିବା ବାଟରେ ଟ୍ରେନ୍‌ରେ ପ୍ରାଣ ହରାଇଛନ୍ତି। ମୃତକ ହେଲେ କାମାକ୍ଷାନଗର ବ୍ଲକ ବାଉଁଶପାଳ ପଞ୍ଚାୟତ ବାଙ୍ଗୁରା ପାରିଖେତା ସାହିର ତନୁଜ ପ୍ରଧାନ (୨୪)। ଅର୍ଥାଭାବରୁ ମୃତଦେହ ଗାଁକୁ ଅଣାଯାଇପାରିନାହିଁ। ସାଙ୍ଗସାଥୀଙ୍କ ସହାୟତାରେ ମରଶରୀରକୁ ଆନ୍ଧ୍ରପ୍ରଦେଶ ରାଜ୍ୟ ନନ୍ଦିଆଲ ଷ୍ଟେଶନ ନିକଟରେ ପୋତି ଦିଆଯାଇଛି। ରୋଜଗାରିଆ ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଥିବାବେଳେ ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ଗ୍ରାମର ମଳୟ ପ୍ରଧାନଙ୍କ ୩ ସନ୍ତାନ ମଧ୍ୟରୁ ତନୁଜ ବଡ଼। ଦୁଇଝିଅ ବିବାହ କରି ସାରିଛନ୍ତି। ପରିବାରର ଆର୍ଥିକସ୍ଥିତି ଭଲ ନ ଥିବାରୁ ୮ମାସ ତଳେ ତନୁଜ ଗ୍ରାମର ଜନକ ପ୍ରଧାନ, କରୁଣା ପ୍ରଧାନ, ଭାଗୀରଥି ସାମଲ ଏବଂ ଗୋପୀନାଥ ସାମଲଙ୍କ ସହ ବାଙ୍ଗାଲୋର ଯାଇଥିଲେ। ସେଠାରେ ତନୁଜଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଗଲା। ଅତ୍ୟଧିକ ଅସୁସ୍ଥ ହୋଇପଡ଼ିବାରୁ ଦୁଇବନ୍ଧୁ ଜନକ ଏବଂ କରୁଣାଙ୍କ ସହ ସେ ଘରକୁ ଫେରିବାକୁ ନିଷ୍ପତ୍ତି ନେଇ ପ୍ରଶାନ୍ତି ଏକ୍ସପ୍ରେସରେ ଟିକେଟ କରିଥିଲେ। ବୁଧବାର ଅପରାହ୍ନ ୨ଟାରେ ବାଙ୍ଗାଲୋର ଷ୍ଟେଶନରୁ ୩ବନ୍ଧୁ ଟ୍ରେନ୍‌ରେ ଚଢ଼ିଥିଲେ। ହେଲେ ତନୁଜଙ୍କ ଅବସ୍ଥା ହଠାତ୍ ସଙ୍କଟାପନ୍ନ ହୋଇଗଲା। ରାତି ୯ଟାରେ ଟ୍ରେନ୍‌ରେ ହିଁ ତାଙ୍କର ଜୀବନ ଚାଲିଗଲା। ଆର୍‌ପିଏଫ୍ କର୍ମଚାରୀ ଏ ସମ୍ପର୍କରେ ସୂଚନା ପାଇ ନନ୍ଦିଆଲ୍ ଷ୍ଟେଶନରେ ମୃତଦେହ ଟ୍ରେନ୍‌ରୁ ବାହାର କରିଦେଇଥିଲେ। ବାଧ ହୋଇ ଅନ୍ୟ ଦୁଇ ବନ୍ଧୁ ମଧ୍ୟ ଟ୍ରେନ୍‌ରୁ ଓହ୍ଲାଇଥିଲେ। ଏହାପରେ ପରିବାର ଲୋକଙ୍କୁ ଜଣାଇବା ପରେ ବାପା ମଳୟ ଏବଂ ଗ୍ରାମର କେତେଜଣ ସମ୍ପର୍କୀୟଙ୍କ ସହ ନନ୍ଦିଆଲ ଯିବାକୁ ବାହାରିଥିଲେ। ହେଲେ ପୁଅର ମୃତଦେହ ଗ୍ରାମକୁ ଆଣିବାକୁ ଆମ୍ବୁଲାନ୍ସ ଭଡ଼ା ୭୫ ହଜାର ଟଙ୍କା ଦେବାକୁ ପଡ଼ିବ ଶୁଣି ତାଙ୍କ ହୋସ୍ ଉଡ଼ିଯାଇଥିଲା। ଏତେ ଟଙ୍କା ଯୋଗାଡ଼ କରିବା ସମ୍ଭବ ନ ଥିବାରୁ ମଳୟ ବାଧ ହୋଇ ଢେଙ୍କାନାଳ ଷ୍ଟେଶନରୁ ବାହୁଡ଼ି ଆସିଥିଲେ। ସେପଟେ ଅନ୍ୟ କିଛି ଉପାୟ ନ ପାଇ ଜନକ ଏବଂ କରୁଣା ଗୁରୁବାର ଅପରାହ୍ନ ୩ଟାରେ ସ୍ଥାନୀୟ କେତେଜଣ ଯୁବକଙ୍କ ସହାୟତାରେ ୫୦୦୦ ଟଙ୍କା ଖର୍ଚ୍ଚ କରି ମୃତଦେହ ପୋତିଦେଇଛନ୍ତି।

ଏ ନେଇ ମଳୟ କୁହନ୍ତି, ପେଟ ପାଟଣା ଚିନ୍ତାରେ ପୁଅ ଦାଦନ ଖଟି ଯାଇ ଆଉ ବାହୁଡ଼ିଲାନି। ତା' ମୁହଁକୁ ଚାହିଁ ଦିନ କାଟିବି ବୋଲି ଭାବିଥିଲି। ସବୁ ଅନ୍ଧାର ଦିଶୁଛି। ପୁଅ ମୃତଦେହକୁ ଥରେ ଦେଖିପାରିଲି ନାହିଁ ବୋଲି ସେ କୋହଭରା କଣ୍ଠରେ କହିଛନ୍ତି। ଏ ନେଇ କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ମୃତଦେହ ଆଣିବା ପାଇଁ ଢେଙ୍କାନାଳ ଜିଲାପାଳଙ୍କ ସହାୟତାରେ ସେଠାକାର ଜିଲାପାଳଙ୍କ ସହ ଆଲୋଚନା କରାଯାଇଥିଲା। ମୃତକଙ୍କ ୨ ସାଙ୍ଗ ଘଟଣାକୁ ନେଇ ଅତ୍ୟଧିକ ଭୟଭୀତ ହୋଇପଡ଼ିଥିଲେ। ଫଳରେ ମୃତଦେହ ପୋତି ଦେଇଛନ୍ତି। ମୃତ ଯୁବକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ଦିଆଯିବ। ଏଥିସହ ଅନ୍ୟାନ୍ୟ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।

## ବ୍ରାହ୍ମଣୀରୁ ବେଆଇନ ବାଲି ଚାଲାଣ

# ୩ ଟ୍ରାକ୍ଟର ଜବତ, ଜରିମାନା ଆଦାୟ

ପରଜଙ୍ଗ, ୨୯।୮(ଡି.ଏନ୍.ଏ.)



ବ୍ରାହ୍ମଣୀ ନଦୀରୁ ବେଆଇନ ବାଲି ଚାଲାଣ ବେଳେ ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ପୋଲିସ ଏବଂ ତହସିଲ ପ୍ରଶାସନ ପକ୍ଷରୁ ୩ଟି ଟ୍ରାକ୍ଟରକୁ ଜବତ କରାଯାଇଛି। ସମ୍ପୃକ୍ତ ଟ୍ରାକ୍ଟର ମାଲିକଙ୍କଠାରୁ ୪୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

ପାଣିଗେଙ୍ଗୁଟିଆ, ଖଇରପଶି, ରୋଡ୍, ପାଳସାହି ଘାଟରୁ ଦୈନିକ ଶତାଧିକ ଟ୍ରିପ୍ ବାଲି ଚାଲାଣ ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାଜସ୍ୱ ବିଭାଗ ପକ୍ଷରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବ୍ରାହ୍ମଣୀ ନଦୀର ପାଣିଗେଙ୍ଗୁଟିଆ ଘାଟରୁ ବାଲି ଚୋରାଚାଲାଣ ହେଉଥିବା ସୂଚନା ପାଇ ଫାଣ୍ଡି ଅଧିକାରୀ ସୁରେଶ ମହାପାତ୍ର ଗୁରୁବାର ଚଢ଼ାଉ କରିଥିଲେ। ଏହି ସମୟରେ କେତୋଟି ଟ୍ରାକ୍ଟର ଫେରାର ହୋଇଯାଇଥିଲେ। ଅନ୍ୟ ୨ଟି ଟ୍ରାକ୍ଟର (ଇଞ୍ଜିନ ନଂ. ଓଡ଼ି ୦୬ ସି ୫୯୦୧ ଏବଂ ଓଡ଼ି ୦୬ଇ ୪୧୧୦)କୁ ଜବତ କରାଯାଇଥିଲା। ଉକ୍ତ ଦୁଇ ଗାଡ଼ିକୁ ସାଆନ୍ଦା ଆର୍‌ଆଇଙ୍କୁ ହସ୍ତାନ୍ତର କରାଯାଇଥିଲା। ଜବତ ହୋଇଥିବା ଟ୍ରାକ୍ଟର ମାଲିକଙ୍କଠାରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ ଭାଲୁମୁଣ୍ଡା-ଆଲୁଅଝରଣ ରାସ୍ତାରେ ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କ ଦ୍ୱାରା ଏକ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଉକ୍ତ ଟ୍ରାକ୍ଟର ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଆଦାୟ କରାଯାଇଛି। ଆଗକୁ ଏପରି ଚଢ଼ାଉ ଆହୁରି ଜୋର୍‌ଦାର ହେବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

ଏ ନେଇ ଆର୍‌ଆଇ ପ୍ରଦ୍ୟୁମ୍ନ ସେଠୀ କୁହନ୍ତି, ବିଭାଗ ପକ୍ଷରୁ ଥରେ ଦୁଇଥର ଚଢ଼ାଉ କରାଯାଇ ଗାଡ଼ି ଜବତ କରାଯାଇଛି। ବ୍ରାହ୍ମଣୀ ନଦୀର ନିଲାମ ହୋଇ ନ ଥିବା ଘାଟରୁ ବାଲିଚାଲାଣ ସମ୍ପର୍କରେ ରାଜସ୍ୱ ବିଭାଗ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ପଚାରିବାରେ ସେ ପ୍ରସଙ୍ଗ ଏଡ଼ାଇ ଯାଇଥିଲେ।

# ସମ୍ବର୍ଦ୍ଧିତ ହେଲେ କ୍ରୀଡ଼ା ପ୍ରତିଭା




ଜାତୀୟ କ୍ରୀଡ଼ା ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରାରେ କ୍ରୀଡ଼ାବିତ୍‌ମାନେ।

ଢେଙ୍କାନାଳ ଅଫିସ, ୨୯।୮

ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀକୁ ଗୁରୁବାର ସାରା ଦେଶରେ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଇଛି। ଏଥିରେ ନିଜକୁ ସାମିଲ କରିଥିଲା ଢେଙ୍କାନାଳ ଜିଲା। ସାଇ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ ଏବଂ ଜିଲା ହକି ସଂଘର କ୍ରୀଡ଼ାବିତ୍‌ମାନେ ସକାଳେ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏଥିସହ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି, କ୍ରୀଡ଼ା ଓ ଯୁବ ସେବା ବିଭାଗର ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଗିରିଜାକାନ୍ତ ମହାନ୍ତି, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ସଭ୍ୟ ଅଜୟ କୁମାର ସ୍ୱାଇଁ, କ୍ରୀଡ଼ାବିତ୍ ଅକ୍ଷୟ କୁମାର ଜେନା, ସାଇ କ୍ରୀଡ଼ା ଛାତ୍ରାବାସର କୁସ୍ତି ପ୍ରଶିକ୍ଷକ ରାଜେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନ ୮ଟାରେ ଷ୍ଟାଡିୟମ୍‌ରେ ଜିଲା ହକି ସଂଘ ପକ୍ଷରୁ ପ୍ରଦର୍ଶନୀ ହକି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପୂର୍ବତନ କ୍ରୀଡ଼ାବିତ୍ ଶ୍ରୀକାନ୍ତ ତ୍ରିପାଠୀ, ପର୍ଶୁରାମ ମିଶ୍ର, ସାରନାଥ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସହସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ସେଠୀ, କ୍ରୀଡ଼ାବିତ୍ ସଚୀନ୍ଦ୍ର କୁମାର ବର୍ମା, ପ୍ରଣବ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମଧ୍ୟାହ୍ନ ୧୨ଟାରେ ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ଆନ୍ତଃ ବିଦ୍ୟାଳୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମହିଳା ହକି ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ କୌଶଳ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ଦିଲ୍ଲୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଯଜ୍ଞେଶ୍ୱର ବୋରା, ହକି ସଂଘ ସମ୍ପାଦକ ପ୍ରଣବ କୁମାର ଷଡ଼ଙ୍ଗୀ, ପ୍ରଶିକ୍ଷକ ସାଇ ପ୍ରସାଦ ଦଳେଇ, ଅଭୟାନନ୍ଦ ବିହାରୀ, ସସ୍ମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଢେଙ୍କାନାଳ ଅଫିସ, ୨୯।୮

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ମିଶ୍ରଙ୍କୁ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପରିଚାଳନା ପରିଷଦ ସଭାପତି ଗଙ୍ଗାଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଇଓ ହୃଷୀକେଶ ବାରିକ, ସମ୍ମାନିତ ଅତିଥି ପୂର୍ବତନ ଏବିଇଓ କୈଳାସ ଚନ୍ଦ୍ର ସାହୁ, ଏବିଇଓ ରମାକାନ୍ତ ବାରିକ, ସଞ୍ଜୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ନେତା ବିଜୟ ପ୍ରଧାନ, ଦେଓଗାଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହରିହର ସାହୁ, ସିଆର୍‌ସିସି ଅଭୟ ପାଣିଗ୍ରାହୀ, ଅର୍ଜୁନ ସେଠୀ, ପୃଥ୍ୱୀରାଜ ପ୍ରଧାନ ପ୍ରମୁଖ ବିଦାୟୀ ଶିକ୍ଷକଙ୍କ କାର୍ଯ୍ୟାବଳୀକୁ ପ୍ରଶଂସା କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ମିଶ୍ର, ଅଜିତ କୁମାର ରାଉତ, ବିମଳ କିଶୋର ବିହାରୀ, କୃଷ୍ଣଚନ୍ଦ୍ର ସାହୁ, କ୍ରୀଡ଼ା ଶିକ୍ଷକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# କବାଡ଼ି ପ୍ରତିଯୋଗିତା



କ୍ରୀଡ଼ା ଦିବସରେ ଆୟୋଜିତ କବାଡ଼ି ପ୍ରତିଯୋଗିତା।

ଢେଙ୍କାନାଳ ଅଫିସ, ୨୯।୮

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ କେପି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୯ମ ଏବଂ ୧୦ମ ଶ୍ରେଣୀର ଛାତ୍ରଙ୍କୁ ନେଇ କବାଡ଼ି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୯ମ ଶ୍ରେଣୀର ଛାତ୍ରମାନେ ବିଜୟୀ ହୋଇଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ନରେଶ କୁମାର ମହାରଣା ଖେଳ ପରିଚାଳନା କରିଥିଲେ।

ପ୍ରାରମ୍ଭରେ ପ୍ରଧାନଶିକ୍ଷକ ଅଜୟ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ହକି ଜାଦୁକର ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ କହିଲେ, କ୍ରୀଡ଼ା ସଦ୍‌ଭାବନା, ଜାତୀୟ ସଂହତି ସୃଷ୍ଟି କରେ। ଛାତ୍ରୀଛାତ୍ରମାନେ ଏହାକୁ ହୃଦୟଙ୍ଗମ କରିବା ଉଚିତ। ଶୃଙ୍ଖଳିତ ଭାବେ ବିଭିନ୍ନ କ୍ରୀଡ଼ାରେ ଭାଗନେଇ ବିଦ୍ୟାଳୟ ପାଇଁ ସୁନାମ ଆଣିବାକୁ ସେ ପରାମର୍ଶ ଦେଇଥିଲେ।

ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହି ଉଭୟ ଦଳକୁ ଉତ୍ସାହିତ କରିଥିଲେ। ବିଜୟୀ ଦଳକୁ ପୁରସ୍କୃତ କରାଯାଇଥିଲା।

## ଟାଟା ଷ୍ଟିଲ ବିଏସ୍‌ଏଲ୍‌ର ସ୍ୱତନ୍ତ୍ର ଅଭିଯାନ

# ୨୨୦୦ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ



ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ କମ୍ପାନୀ କର୍ମଚାରୀ ଏବଂ ମହିଳାମାନେ।

ଢେଙ୍କାନାଳ ଅଫିସ, ୨୯।୮

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆସ୍ଥିତ ଟାଟା ଷ୍ଟିଲ୍ ବିଏସ୍‌ଏଲ୍ ପକ୍ଷରୁ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ହିନ୍ଦୋଳ ବ୍ଲକ ନୂଆଗାଁରୁ ବୁଧବାର ଏହାର ଶୁଭାରମ୍ଭ କରାଯାଇଛି। କମ୍ପାନୀ କର୍ପୋରେଟ୍ ସେବା ବିଭାଗ ମୁଖ୍ୟ ମଣିକାନ୍ତ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅଭିଯାନରେ କମ୍ପାନୀ ପାର୍ଶ୍ୱବର୍ତ୍ତୀ ୧୫ଗ୍ରାମକୁ ସାମିଲ କରାଯାଇଛି। ସମ୍ପୃକ୍ତ ଗ୍ରାମଗୁଡ଼ିକରେ ୨୦୦ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟକ୍ଷମ ରହିଛି। ଏସ୍‌ଏଚ୍‌ଜି ଅନ୍ତର୍ଭୁକ୍ତ ୨୨୦୦ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ୫ ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ୧୫ଦିନ ମଧ୍ୟରେ ଅନ୍ୟ ସମସ୍ତ ଗ୍ରାମରେ ଶିବିର ଆୟୋଜିତ ହେବ। କମ୍ପାନୀ ପାରିପାର୍ଶ୍ୱିକ ଗ୍ରାମରେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସେମାନଙ୍କ ମୌଳିକ ସମସ୍ୟାର ସମାଧାନ କରିବାକୁ ତାଲିକା ପ୍ରସ୍ତୁତ ଏବଂ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରି ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା କମ୍ପାନୀର ପ୍ରମୁଖ ଲକ୍ଷ୍ୟ। ଶିବିର ଆୟୋଜନ କରିବା ପାଇଁ ସିଏସ୍‌ଆର ବିଭାଗ ପକ୍ଷରୁ 'ସ୍ୱାସ୍ଥ୍ୟ' ନାମକ ଏକ ବେସରକାରୀ ସଂସ୍ଥାକୁ ନିୟୋଜିତ କରାଯାଇଥିବା ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ କମ୍ପାନୀର ସିଏସ୍‌ଆର ବିଭାଗ ମୁଖ୍ୟ ଦିବ୍ୟହାସ ରାୟ, ସହକର୍ମୀ ଆଶୁତୋଷ ଦାସ, ରେଣୁକା ସିଂ, ସାଗରିକା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସମାଜକୁ ସୁରକ୍ଷା ଦେବାକୁ ଶପଥ

ଭୁବନ, ୨୯।୮(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ ସ୍ମୃତି କଲେଜ ଏବଂ ମହିଳା ମହାବିଦ୍ୟାଳୟରେ ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୧ଟା ଯାଏ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଟିପ୍ସ ଦେଇଥିଲେ। ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହି ସମାଜର ସୁରକ୍ଷା ଦିଗରେ ଆଗେଇ ଆସିବାକୁ ଶପଥପାଠ କରିଥିଲେ। ବାଜି ରାଉତ ସ୍ମୃତି କଲେଜ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଂଲିଶ ବିଭାଗ ଅଧ୍ୟାପକ ଅଜିତ ବେହେରା, ରାଜନୀତି ବିଜ୍ଞାନ ମୁଖ୍ୟ ଅଧ୍ୟାପକ ହିମାଂଶୁ ଶେଖର ମିଶ୍ର, ବାଣିଜ୍ୟ ବିଭାଗ ମୁଖ୍ୟ ବିଜୟ ଦାସ, କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଅଧ୍ୟାପକ ପ୍ରଭାତ ଜେନା, ଅଲେଖ ଚନ୍ଦ୍ର ପାତ୍ର, ବିଶ୍ୱଜିତ୍ ସାହୁ ପ୍ରମୁଖ ଉପସ୍ଥିତ ରହି ନିରାମୟ ଜୀବନଯାପନ ଉପରେ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। କଲେଜର କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଢେଙ୍କାନାଳରେ ପୁଣି ଲୁଟେରା ସକ୍ରିୟ

# ୨ ଫାଇନାନ୍ସ କର୍ମଚାରୀଙ୍କୁ ଲୁଟିଲେ

- ଗୁଳି ଫୁଟାଇଲେ, ଭୁଜାଲିରେ ହାଣିଲେ
- ନେଇଗଲେ ଲକ୍ଷାଧିକ ଟଙ୍କା

ଢେଙ୍କାନାଳ ଅଫିସ/ଭୁବନ (ଡି.ଏନ୍.ଏ.), ୨୯।୮



କିଛିଦିନ ବ୍ୟବଧାନ ପରେ ଢେଙ୍କାନାଳ ଜିଲାରେ ଲୁଟେରା ସକ୍ରିୟ ହୋଇଛନ୍ତି। ଗୁରୁବାର ସ୍ୱଷ୍ଟ ଦିବାଲୋକରେ ଦୁର୍ବୃତ୍ତମାନେ ଆତଙ୍କରାଜ ସୃଷ୍ଟିକରିବା ସହ ୨ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଅଭିଯୁକ୍ତଙ୍କ ଭୁଜାଲି ମାଡ଼ରେ ଜଣେ ଗୁରୁତର ହୋଇଛନ୍ତି। ଦିନକୁ ଦିନ ଜିଲାରେ ରାହାଜାନି, ଡକାୟତି ଭଳି ଘଟଣା ବୃଦ୍ଧି ପାଉଥିବାବେଳେ ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି।

ସଦର ଥାନା ଗେଙ୍ଗୁଟିଆ ରାସ୍ତାର ଗୁରୁଜଙ୍ଗ ଛକ ନିକଟରୁ ଗୁରୁବାର ପୂର୍ବାହ୍ନରେ ଦୁର୍ବୃତ୍ତମାନେ ଫାଙ୍କା ଗୁଳିଚାଳନା କରିବା ସହ ଭୁଜାଲିରେ ହାଣି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ କର୍ମଚାରୀଙ୍କଠାରୁ ୧୨,୫୦୦ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଅନ୍ତର୍ଯ୍ୟାମୀ କୁମ୍ଭାର (୨୮)। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ବାମ ପାର୍ଶ୍ୱ ଛାତିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଅନ୍ତର୍ଯ୍ୟାମୀ ଗ୍ରାମାଞ୍ଚଳରୁ ଋଣ ବାବଦ ଟଙ୍କା ସଂଗ୍ରହ କରି ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ଗୁରୁଜଙ୍ଗ ଛକ ନିକଟରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ତାଙ୍କଠାରୁ ଟଙ୍କା ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ଅନ୍ତର୍ଯ୍ୟାମୀ ଏହାର ପ୍ରତିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଭୁଜାଲିରେ ଆକ୍ରମଣ କରି ଟଙ୍କା ଛଡ଼ାଇ ନେଇଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ଦୌଡ଼ି ଆସିବାରୁ ଲୁଟେରାମାନେ ଫାଙ୍କା ଗୁଳିଚାଳନା କରି ଆତଙ୍କ ସୃଷ୍ଟି କରିବା ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଖବର ଲେଖାଯିବା ସୁଦ୍ଧା ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

ସେହିପରି ଅନ୍ୟ ଏକ ଘଟଣା ଘଟିଛି ଭୁବନ ଥାନା ଅନଳ ଗ୍ରାମ ନିକଟରେ। ଅପରାହ୍ନ ପ୍ରାୟ ସାଢେ ୧ଟାବେଳେ ଭାରତ ଫାଇନାନ୍ସ ସଂସ୍ଥା କର୍ମଚାରୀ ସୁଧୀର କୁମାର ସାହୁଙ୍କଠାରୁ ଦୁର୍ବୃତ୍ତମାନେ ଭୁଜାଲି ଦେଖାଇ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ସୁଧୀର ଗଁଦିଆ ଥାନା ପୋରୁହଖୋଜ ଅଞ୍ଚଳରେ ଥିବା ଭାରତ ଫାଇନାନ୍ସ ସଂସ୍ଥାରେ କାମ କରନ୍ତି। ସେ ଅନଳ, ମଝିପାଳ, ତର୍ଜନୀ ଗ୍ରାମର ଋଣ ଗ୍ରହୀତା ଗ୍ରୁପ୍‌ଠାରୁ ଟଙ୍କା ସଂଗ୍ରହ କରି ବାଇକ୍ (ନଂ. ଓଡ଼ି ୦୫ ଏସି ୬୬୭୩)ରେ କାର୍ଯ୍ୟାଳୟକୁ ଫେରୁଥିଲେ। ଏହି ସମୟରେ ଏକ କଳା ବାଇକ୍‌ରେ ଦୁଇଜଣ ଯୁବକ ତାଙ୍କୁ ଅଟକାଇବା ସହ ଭୁଜାଲି ଦେଖାଇ ଭୟଭୀତ କରାଇଥିଲେ। ଟଙ୍କା ନ ଦେଲେ ହତ୍ୟା କରିବାକୁ ଧମକ ଦେଇଥିଲେ। ଏହାପରେ ଡିକି ଖୋଲି ଟଙ୍କା ନେଇ ଚମ୍ପଟ ମାରିଥିଲେ। ଏ ନେଇ ସୁଧୀର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୯୯/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର, ୩୦ ଅଗଷ୍ଟ /୨୦୧୯, Dhenkanal, Friday August 30 / 2019

## ସଂକ୍ଷେପରେ

### ଯୁବତୀ ଚାଲାଣ ର୍ୟାକେଟରେ ସମ୍ପୃକ୍ତା ମହିଳା ଗିରଫ

**ଛେଣ୍ଡିପଦା, ୨୯।୮(ସ୍ୱ.ପ୍ର.):** ରାଜ୍ୟ ବାହାରକୁ ଯୁବତୀ ଚାଲାଣ କରୁଥିବା ର୍ୟାକେଟରେ ସମ୍ପୃକ୍ତ ଥିବା ଜଣେ ମହିଳାଙ୍କୁ ଅନୁଗୋଳ ଜିଲା ଛେଣ୍ଡିପଦା ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ମହିଳା ଜଣକ ଜରପଡା ଥାନା କଞ୍ଚରା ଅଞ୍ଚଳର ସଞ୍ଜୁ ମୁଦୁଲି ବୋଲି ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ, ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ମଧ୍ୟପ୍ରଦେଶ ଚାଲାଣ କରାଯାଉଥିବା ଖବରପାଇ ବଇଣ୍ଡା ରେଲୱେ ପୋଲିସ ଷ୍ଟେଶନରୁ ତାଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ପରେ ରେଲୱେ ପୋଲିସ ଯୁବତୀଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ଏ ନେଇ ଯୁବତୀଙ୍କ ପରିବାର ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ନଂ. ୨୫୮/୧୯ରେ ଏକ ମାମଲା ରୁଜୁ ହୋଇଛି। ଛେଣ୍ଡିପଦା ଏସ୍ଆଇ ଅବଦୁଲ ୱାସିମ ଖାନ ତଦନ୍ତ କରି ସଞ୍ଜୁଙ୍କୁ ଗିରଫ କରିଥିଲେ।

### ପରିବାରକୁ ମାଡ଼ ଅଭିଯୋଗ

**ବଇଣ୍ଡା, ୨୯।୮(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଗଡେଇମୁଣ୍ଡା ଗ୍ରାମର ବଳରାମ କରଣ, ସ୍ତ୍ରୀ ସାବିତ୍ରୀ କରଣ ଓ ପୁଅ ଯୋଗେଶ୍ୱର କରଣଙ୍କୁ ସେହି ଗ୍ରାମର ଭଗବାନ କରଣ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ନଂ.୧୪୩/୧୯ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ବଳରାମ ତାଙ୍କ ଗାଈ ଚରାଇବାକୁ ନେଉଥିବାବେଳେ ଭଗବାନ ଗାଈଟିକୁ ଏକ ଠେଙ୍ଗାରେ ପିଟିଥିଲେ। ଯୋଗେଶ୍ୱର ଓ ସାବିତ୍ରୀ ଏହାର ପ୍ରତିବାଦ କରିବାରୁ ଭଗବାନ ଉତ୍କ୍ଷିପ୍ତ ହୋଇ ୩ ଜଣଙ୍କୁ ଠେଙ୍ଗାରେ ପିଟିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### କୋଇଲା ଖଣିରେ ଶତ ପ୍ରତିଶତ ଏଫ୍‌ଡିଆଇକୁ ବିରୋଧ

**ଅନୁଗୋଳ ଅଫିସ, ୨୯।୮:** କୋଇଲା ଖଣିରେ ଶତ ପ୍ରତିଶତ ବିଦେଶୀ ପୁଞ୍ଜି ନିବେଶ (ଏଫ୍‌ଡିଆଇ) ପାଇଁ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତିକୁ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ସଙ୍ଗଠନ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ, ଦେଶୀ ବିଦେଶୀ କମ୍ପାନୀମାନଙ୍କୁ ଖୁସି କରିବା ପାଇଁ କେନ୍ଦ୍ର ସରକାର ପ୍ରାକୃତିକ ସମ୍ପଦ ସହିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ପାଇଁ ଉଦ୍ୟମ କରୁଛନ୍ତି। ଏହାଦ୍ୱାରା ଶାଗମାଛ ଦରରେ ଖଣିଜ ଲୁଣ୍ଠନ ପାଇଁ ବିଦେଶୀ କମ୍ପାନୀମାନେ ସୁଯୋଗ ପାଇବେ। ଏହି ଘରୋଇକରଣ ଫଳରେ ଖଣିରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଶ୍ରମିକ, କର୍ମଚାରୀଙ୍କ ଜୀବନ ଜୀବିକା ପ୍ରଭାବିତ ହେବ। ତୁରନ୍ତ ଏପରି ନିଷ୍ପତ୍ତି ପ୍ରତ୍ୟାହାର କରା ନ ଗଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଏଆଇୟୁଟିୟୁସି ଜିଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ, ଉପସଭାପତି ଭିକାରି ପ୍ରଧାନ, ରାଜେଶ ପାଣି, ସମ୍ପାଦକ ବ୍ରଜବନ୍ଧୁ ସାହୁ, ସମ୍ପାଦକମଣ୍ଡଳୀ ସଦସ୍ୟ ତୀର୍ଥବାସୀ ଭୋଇ, ଟୁନା ନାଏକ, ପ୍ରତାପ ପ୍ରଧାନ, ଅଭୟ ନାଏକ, ଦୁଃଖିଶ୍ୟାମ ମଲ୍ଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ଟ୍ରକ୍ ତଳେ ପଶିଗଲା ବାଇକ୍



**ଅନୁଗୋଳ ଅଫିସ, ୨୯।୮:** ଅନୁଗୋଳ ସହର ମଧ୍ୟରେ ଯାଇଥିବା ଜାତୀୟ ରାଜପଥ ବିପଦ ସଙ୍କୁଳ ହୋଇପଡ଼ିଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଗୁରୁବାର ରାଜପଥରେ ହୋଇଥିବା ଖାଲ ଯୋଗୁ ଟ୍ରକ ଆସୋସିଏଶନ୍ ଅଫିସ ନିକଟରେ ଏକ ଦୁର୍ଘଟଣା ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଅନୁଗୋଳ ଥାନା ଛକଆଡୁ ପିସିସି ଆଡ଼କୁ ଏକ ଟ୍ରକ୍ ଯାଉଥିଲା। ଏହି ସମୟରେ ଏକ ବାଇକ ଚାଳକ ରାଜପଥରେ ସୃଷ୍ଟି ହୋଇଥିବା ଖାଲରେ ପଡ଼ି ଭାରସାମ୍ୟ ହରାଇଥିଲେ। ତେବେ ଟ୍ରକ୍ ସହ ପିଟି ହେବା ପୂର୍ବରୁ ସେ ରାସ୍ତା ପାର୍ଶ୍ୱକୁ ଡେଇଁ ପଡ଼ିଥିଲେ। କିନ୍ତୁ ତାଙ୍କ ବାଇକ୍ ଟ୍ରକ୍ ତଳେ ପଶିଯାଇଥିଲା। ଦୁର୍ଘଟଣା ଯୋଗୁ ଗାଡ଼ି ଚଳାଚଳ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ଅନୁଗୋଳ ପୋଲିସ ପହଞ୍ଚିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

■ବିଦ୍ୟାଳୟ ପରିସର ସଫା କଲେ, ପିଲାଙ୍କୁ ପଢ଼ାଇଲେ

# ଖାଦ୍ୟର ମାନ ନେଇ ସରପଞ୍ଚ ଖପ୍ପା

**ଅନୁଗୋଳ ଅଫିସ, ୨୯।୮**



ଅଙ୍ଗନୱାଡି କେନ୍ଦ୍ରରେ ସରପଞ୍ଚ ପ୍ରମିଳା ନାଏକ ପିଲାଙ୍କୁ ପାଠ ପଢ଼ାଉଛନ୍ତି।

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଜାମୁନାଳୀ ପଞ୍ଚାୟତ ସରପଞ୍ଚ ପ୍ରମିଳା ନାଏକ ଗୁରୁବାର ଜାମୁନାଳୀ ବିଦ୍ୟାଳୟ ପରିସର ସଫେଇ କରାଇବା ସହ ସେଠାରେ ଥିବା ଅଙ୍ଗନୱାଡ଼ି ପିଲାଙ୍କୁ ପାଠ ପଢ଼ାଇ ଚର୍ଚ୍ଚାକୁ ଆସିଛନ୍ତି। ତେବେ ଅଙ୍ଗନୱାଡି ପିଲାଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ଖାଇବା ପରେ ଏହା ଉନ୍ନତମାନର ହୋଇ ନ ଥିବାରୁ ସରପଞ୍ଚ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରପଞ୍ଚଙ୍କ ଏପରି କାର୍ଯ୍ୟକୁ ପଞ୍ଚାୟତବାସୀ ପ୍ରଶଂସା କରିଛନ୍ତି।

ଦୁଇ ଦିନ ତଳେ ସରପଞ୍ଚ ନାଏକ ଜାମୁନାଳୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିବା ବେଳେ ବିଦ୍ୟାଳୟ ପରିସର ଅସ୍ୱାସ୍ଥ୍ୟକର ଥିବା ଦେଖିବାକୁ ପାଇଥିଲେ। ଗୁରୁବାର ସକାଳେ ଗାଁ ଲୋକଙ୍କୁ ଡାକି ସେ ସ୍କୁଲ ପରିସର ସଫା କରାଇଥିଲେ। ସେଠାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ଦିଦି ଟ୍ରେନିଂରେ ଯାଇଥିବାରୁ ସରପଞ୍ଚ ନାଏକ କୁନି କୁନି ପିଲାଙ୍କୁ ଏକ ଘଣ୍ଟା ଧରି ପାଠ ପଢ଼ାଇଥିଲେ। ପରେ ପିଲାଙ୍କ ପାଇଁ ରୋଷେଇ ହୋଇଥିବା ଖାଦ୍ୟର ମାନ ପରଖିବା ପାଇଁ ପିଲାଙ୍କ ସହ ବସି ଖାଇଥିଲେ। ତେବେ ପିଲାଙ୍କୁ ଦିଆଯାଇଥିବା ଭାତ ସହ ଆଳୁ ତରକାରି ଓ ଅଣ୍ଡା ଝୋଳ ନିମ୍ନମାନର ହୋଇଥିବା ଜାଣି ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଭାତ ଜାଉ ଭଳି ହୋଇଥିବା ବେଳେ ଆଳୁ ଝୋଳ ଖାଲି ପାଣି ପରି ଲାଗୁଥିଲା। ଏପରି କି ତରକାରିରେ ସ୍ୱାଦ ନ ଥିବାବେଳେ ଅଲଣା ଥିଲା। ଏ ନେଇ ଦାୟିତ୍ୱରେ ଥିବା କର୍ମୀଙ୍କୁ ସେ ତାଗିଦ କରିଥିଲେ। ଆଗକୁ ଏପରି ହେଲେ ପ୍ରଶାସନକୁ ଚିଠି ଲେଖି ଅବଗତ କରିବେ ବୋଲି ମଧ୍ୟ ସରପଞ୍ଚ ନାଏକ ଚେତାବନୀ ଦେଇଥିଲେ।

## ରାଜପଥ ପାର୍ଶ୍ୱରୁ ଘର, ଦୋକାନ ଉଚ୍ଛେଦ

**ଛେଣ୍ଡିପଦା,୨୯।୮(ଡି.ଏନ.ଏ.)**

ଅନୁଗୋଳ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଥିବାବେଳେ ଗୁରୁବାର ଜରପଡା ଥାନା ଜେରେଙ୍ଗ ଦେହୁରୀ ସାହି ଏବଂ ଭାଗୀରଥିପୁର ଛକଠାରେ ରାସ୍ତା ପାର୍ଶ୍ୱରୁ ଘର, ଦୋକାନ ଆଦି ଉଚ୍ଛେଦ କରାଯାଇଛି। ଜାତୀୟ ରାଜପଥ ବିଭାଗ, ଜିଲା ଭୂ ଅର୍ଜନ ବିଭାଗ ଏବଂ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଏହି ଅଭିଯାନ ଆରମ୍ଭ କରାଯାଇଛି। ସ୍ଥାନୀୟ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ତେବେ ଏହି ଉଚ୍ଛେଦକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ଅସନ୍ତୋଷ ଦେଖାଦେଇଛି। ଉଚ୍ଛେଦ ପୂର୍ବରୁ ଯଥେଷ୍ଟ ସମୟ ମିଳି ନ ଥିବା ଏବଂ ମିଳିଥିବା କ୍ଷତିପୂରଣ ରାଶିରେ ଘର ନିର୍ମାଣ କରିବା ସମ୍ଭବ ନୁହେଁ ବୋଲି ଅଭିଯୋଗ ହୋଇଛି। ସେହିପରି ଅନେକ ଦୋକାନୀ କ୍ଷତିପୂରଣ ରାଶି ମଧ୍ୟ ପାଇ ନ ଥିବା ଅଭିଯୋଗ କରିଛନ୍ତି।

## ମାନଜୋର ପ୍ରକଳ୍ପ ଦେଖିଲେ ନୀତି ଆୟୋଗ ଟିମ୍



**ମାଧପୁର, ୨୯।୮**

କେନ୍ଦ୍ରୀୟ ନୀତି ଆୟୋଗ ଟିମର ଦୁଇଜଣିଆ ସଦସ୍ୟ ଗୁରୁବାର ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ମାନଜୋର ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏଥିସହ ପ୍ରକଳ୍ପ ଅଧିକାରୀ, କୃଷକ ନେତା ଓ ଚାଷୀମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ପରେ କନ୍ଧପଡା ଉଠାଜଳସେଚନ ପ୍ରକଳ୍ପ ବୁଲି ଦେଖିଥିଲେ। ଅନୁଗୋଳ ଜଳସେଚନ ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ଦୀପ୍ତି ରଞ୍ଜନ ପଣ୍ଡା, ମାନଜୋର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସନାତନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଉପନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

## କୁମୁରଡିହରୁ ଅଜଗର ଉଦ୍ଧାର

**ଛେଣ୍ଡିପଦା, ୨୯।୮(ସ୍ୱ.ପ୍ର.)**

ଛେଣ୍ଡିପଦା ବନାଞ୍ଚଳ କୋଶଳା ଗ୍ରାମ କୁମୁରଡିହରୁ ଗୁରୁବାର ଏକ ଅଜଗର ଉଦ୍ଧାର କରାଯାଇଛି। ଗ୍ରାମର ସୁଶୀଲ ସାହୁ ଘର ନିକଟରେ ଥିବା ବାଇଗଣ ବଗିଚାକୁ ଯାଇଥିବାବେଳେ ସେଠାରେ ଅଜଗରକୁ ଦେଖିବାକୁ ପାଇଥିଲେ। ଖବରପାଇ ଅନୁଗୋଳର ସର୍ପମିତ୍ର ଆଦିତ୍ୟ ବେହେରା ଓ ସାଥୀ ମାଇକେଲ ରାଜୁ, ସଞ୍ଜୟ ବେହେରା ପହଞ୍ଚି ୮ଫୁଟ ଲମ୍ବର ଅଜଗରକୁ ଉଦ୍ଧାର କରିଥିଲେ। ପରେ ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ନିକଟସ୍ଥ ଜଙ୍ଗଲରେ ତାହାକୁ ଛଡାଯାଇଥିଲା।

# ପ୍ଲାଣ୍ଟ ଉନ୍ନତି ଉପରେ ଗୁରୁତ୍ୱାରୋପ




**ବଅଁରପାଳ, ୨୯।୮(ଡି.ଏନ.ଏ.)**

ନାଲକୋ ଏମ୍ପ୍ଲୋଇଜ ସଂଘ(ନେସ)ର ଅଷ୍ଟାଦଶ ପ୍ରତିଷ୍ଠା ଦିବସ ଗୁରୁବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ସଂଘ ସଭାପତି ଦିଲୀପ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଲ୍‌କୋ ଇଡି ମନସା ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଲକୋ ମାନବ ସମ୍ବଳ ବିଭାଗର ମହାପ୍ରବନ୍ଧକ ଏସ୍. ଏନ୍. ସାହୁ, ସ୍ମେଲଟର ମହାପ୍ରବନ୍ଧକ ମୃତ୍ୟୁଞ୍ଜୟ ଦାସ, ଜିଏମ ସନ୍ତୋଷ ଦାସ ପ୍ରମୁଖ ଯୋଗ ଦେଇଥିଲେ। ନେସର ସାଧାରଣ ସମ୍ପାଦକ ନିର୍ମଳ ସାମଲ ସଙ୍ଗଠନର ବିଭିନ୍ନ ସମସ୍ୟା, ପ୍ଲାଣ୍ଟର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ସଙ୍ଗଠନ କିଭଳି ଅଧିକ ସୁଦୃଢ ହେବ ସେ ଉପରେ ଆଲୋଚନା ହୋଇଥିଲା। ସମ୍ପାଦକ ଅଶ୍ୱିନୀ ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ମୁରଲୀଧର ପଣ୍ଡା, ଭଦୁରାମ ସୋରେନ, ବିଜନ ଦଳବେହେରା, ସଞ୍ଜୀବ ଦାସ, ଏସ୍ କେ ତ୍ରିପାଠୀ, ଭବେଶ ସେଠ, ଅଟଳ ବିହାରୀ ଷଡଙ୍ଗୀ, ଜୀବନ ବିଶ୍ୱାଳ, ସୁଧାଂଶୁ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ମନୋଜ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ନାଲକୋର ବହୁ ଶ୍ରମିକ ଓ ଅଧିକାରୀ ଉପସ୍ଥିତ ଥିଲେ।

## ପାଣିପାଇପ ଚୋରି ଉଦ୍ୟମ

**କଣିହାଁ, ୨୯।୮(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଆନିକଟ ନିକଟ ମୋନେଟ ପାୱାର କମ୍ପାନୀର ପାଣି ପମ୍ପ ହାଉସରୁ ବୁଧବାର ରାତିରେ ପାଣି ପାଇପ ଚୋରି ଉଦ୍ୟମ କରୁଥିବା ଦୁର୍ବୃତ୍ତ ପୋଲିସକୁ ଦେଖି ଫେରାର ହୋଇଯାଇଛନ୍ତି। ସେଠାରୁ ପୋଲିସ ଏକ କାର୍(ନଂ. ଓଡି ୧୯ ଡି ୧୯୮୯)କୁ ଜବତ କରିଛି। ସମଲ ଥାନା ଅଧିକାରୀଙ୍କ ସୂଚନାରୁ ଜଣାଯାଏ, ସମଲ ଆନିକଟ ନିକଟରେ ମୋନେଟ ପାୱାର କମ୍ପାନୀର ପାଣି ପମ୍ପ ହାଉସ ରହିଛି। ଅନୁଗୋଳ ଟାଉନଠାରୁ ୭ କିମି ଦୂରରେ ଥିବା କମ୍ପାନୀକୁ ପାଇପ ବିଛା ଯାଇଥିଲା। ଏହି ପ୍ରକଳ୍ପ ଏବେ ଚାଲୁ ନ ଥିବାରୁ କେତେଜଣ ଦୁର୍ବୃତ୍ତ ପାଣି ପାଇପ କାଟୁଥିବାବେଳେ ପାଟ୍ରୋଲିଂ କରୁଥିବା ପୋଲିସ କର୍ମଚାରୀ ଦେଖିବାକୁ ପାଇଥିଲେ। ପୋଲିସକୁ ଦେଖି ସେମାନେ ସେଠାରୁ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନେ ଆସିଥିବା କାରକୁ ଜବତ କରାଯାଇଛି। ଏ ନେଇ ନଂ. ୧୧୫/୧୯ରେ ମାମଲା ରୁଜୁ କରାଯାଇଛି।







# ବକେୟା ଦରମା ଦାବିରେ ଧାରଣା



**ତାଳଚେର,୨୯।୮(ନି.ପ୍ର.)**

ତାଳଚେରସ୍ଥିତ ଏମ୍‌ସିଏଲର ବଳଣ୍ଡା କୋଲିୟରୀ, ଜଗନ୍ନାଥ କୋଲିୟରୀ ଏବଂ ଅନନ୍ତ ଓସିପିର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଘରୋଇ ସୁରକ୍ଷାକର୍ମୀମାନେ ବକେୟା ଦରମା ପ୍ରଦାନ ଦାବିରେ ଗୁରୁବାର ଜଗନ୍ନାଥ ମହାପ୍ରବନ୍ଧକ କାର୍ଯ୍ୟାଳୟର ମୁଖ୍ୟଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ଉକ୍ତ ୩ଟି କୋଇଲାଖଣି ଅଞ୍ଚଳରେ ପ୍ରାୟ ୫ଶହ ସୁରକ୍ଷାକର୍ମୀ ନିୟୋଜିତ ଥିଲେ ମଧ୍ୟ ନିଯୁକ୍ତି ଦେଇଥିବା ସୁରକ୍ଷା ସଂସ୍ଥା ଜୁଲାଇ ମାସର ଦରମା ସେମାନଙ୍କୁ ପ୍ରଦାନ କରିନାହିଁ। ଉକ୍ତ ସଂସ୍ଥା ଏମ୍‌ସିଏଲରୁ ଚୂଡ଼ାନ୍ତ ବିଲ ପାଇଥିଲେ ମଧ୍ୟ ସୁରକ୍ଷାକର୍ମୀଙ୍କ ଦରମା ବାବଦରେ ସମସ୍ତ ଅର୍ଥ ଦେବାକୁ ଧରାଛୁଆଁ ଦେଉନି। ଏହାର ପ୍ରତିବାଦରେ ସୁରକ୍ଷାକର୍ମୀମାନେ ଓଡ଼ିଶା ସିକ୍ୟୁରିଟି ଆଣ୍ଡ ସର୍ଭିସ ଏମ୍ପ୍ଲୋଇଜ ୟୁନିୟନ, ତାଳଚେର ଶାଖା ନେତୃତ୍ୱରେ ଗଣଧାରଣା ଦେବା ସହ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏତଦ୍‌ବ୍ୟତୀତ ସୁରକ୍ଷାକର୍ମୀଙ୍କ ଗତ ୨ବର୍ଷର ସିଏମ୍‌ପିଏଫ୍ ବାବଦ ଅର୍ଥ ଜମା କରାଯିବା, ୨୦୧୮ ମସିହାଠାରୁ ବକେୟା ରହିଥିବା ଏରିଅର ପ୍ରଦାନ ଏବଂ ୨୦୧୨-୧୩ ବର୍ଷର ବାକି ଥିବା ବୋନସ୍ ପ୍ରଦାନ କରାଯିବା ନିମନ୍ତେ ୟୁନିୟନ ପକ୍ଷରୁ ଦାବି କରାଯାଇଛି। ୟୁନିଅନର ରାଜ୍ୟ ଶାଖା ଏବଂ ତାଳଚେର ଶାଖାର କାର୍ଯ୍ୟକର୍ତ୍ତାମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ଯୋଜନା ସଫଳ କରାନ୍ତୁ ପଞ୍ଚାୟତ ପ୍ରତିନିଧି



**ବଇଣ୍ଡା, ୨୯।୮(ଡି.ଏନ.ଏ.)**

ଗରିବ ଲୋକଙ୍କ ପାଇଁ ସରକାର ପ୍ରଚଳନ କରୁଥିବା ଯୋଜନା ଠିକ୍ ଭାବେ ସେମାନଙ୍କ ନିକଟରେ ପହଞ୍ଚିପାରୁନାହିଁ। ଏ ଦିଗରେ ପ୍ରତି ପଞ୍ଚାୟତ ସ୍ତରରୁ ପ୍ରତିନିଧିମାନେ ଦାୟିତ୍ୱବାନ ହୋଇ ସଭିଁଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇ ଏହାକୁ ସଫଳ କରିବାକୁ ପରାମର୍ଶ ଦେଇଛନ୍ତି ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ। ବ୍ଲକ ପ୍ରଶାସନ ପକ୍ଷରୁ ନୁନୁକାପଶି କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଏହା କହିବା ସହ ହିତାଧିକାରୀଙ୍କୁ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ବ୍ଲକ କର୍ମଚାରୀ ଏଲଏନ୍‌ଏସ୍ ରାଜେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ୫୩୩ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଓ ନିର୍ମାଣ ଶ୍ରମିକଙ୍କୁ ପକ୍କା ଘର ନିର୍ମାଣର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ସେହିପରି ୮୫ ଜଣଙ୍କୁ ମଧୁବାବୁ ପେନସନ, ବିକଳାଙ୍ଗ, ବିଧବା, ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ବିଡିଓ ଅମୃତା ପ୍ରିୟମ୍ବଦା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ଅମୀୟ ପ୍ରଧାନ, ନବକିଶୋର ସାହୁ, ପ୍ରିୟବ୍ରତ ପଲେଇ, ତିଳୋତ୍ତମା ନାୟକ, କୁମୁଦିନୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ